# Akashvani, Sambalpur

## SAMBALPURI NEWS EVENING BULLETIN

## 8 November 2025- 7.02 pm- 7.12 pm.

*********************************************

୧- ସଂସଦ୍‌ର ଶୀତ୍‌କାଲୀନ୍ ଅଧିବେଶନ୍ ଡିସେମ୍ବର୍ ୧ ତାରିଖ୍‌ନୁ ହେବା ମୁଲ୍ ।

୨- ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାଥି ୪ କୋଟିନୁ ଅଏତ୍‌କା ଗରିବ୍ ଲୁକ୍‌କୁ ଯୁଗେଇ ଦିଆଯାଇଛେ ଘର୍- କହେଲେ କେନ୍ଦ୍ରମନ୍ତ୍ରୀ ରାମ୍‌ଦାସ ଅଠାଓ୍ୱାଲେ ।

୩- ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ଆଏବା କାଏଲ୍ ଶେଷ୍ ହେବା ପ୍ରଚାର୍ ।

ଆଉର୍

୪- ଆଏବା ୩/ ୪ ଦିନ୍ ଭିତ୍‌ରେ ବଢ଼୍‌ବା ଶୀତ୍- ସୂଚ୍‌ନା ଦେଲା ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ।

ଶୀତ ଅଧିବେଶନ୍ ଏନ୍ଏସ୍ଡି

ସଂସଦ୍ର ଶୀତକାଲୀନ୍ ଅଧିବେଶନ୍ ଆଏବା ମାସ ୧ ତାରିଖ୍ନୁ ମୁଲ୍ ହେଇକରି ୧୯ ତାରିଖ୍ତକ୍ ଚାଲ୍ବା । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ସୂଚ୍ନା ଦେଇକରି କହିଛନ୍, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୀତକାଲୀନ୍ ଅଧିବେଶନ୍ ଲାଗି ସର୍କାର୍ଙ୍କର୍ ପ୍ରସ୍ତାବ୍କେ ଅନୁମୋଦନ୍ କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ଥି ଶ୍ରୀ ରିଜିଜୁ କହିଛନ୍, ଅଧିବେଶନ୍ ସମିଆଥି ଭିନ୍ ଭିନ୍ ପ୍ରସଙ୍ଗଥି ଗଣତାନ୍ତ୍ରିକ୍ ପ୍ରକ୍ରିୟାକେ ବର୍କସ୍ କର୍ବାର୍ ଆଉ ଦେଶ୍ବାସୀଙ୍କର୍ ଆଶା ଆଉ ଆକାଂକ୍ଷାକେ ପୁରା କର୍ବାର୍ ଦିଗେ ଜରୁରୀ ଆଲୋଚନା ହେବା ବଲି ସର୍କାର୍ ଆଶା ରଖିଛନ୍ ।

ପ୍ରଧାନ୍ମନ୍ତ୍ରୀ ଏନ୍ଏସ୍ଡି

ନୂଆଦିଲ୍ଲୀ ସୁପ୍ରିମ୍କୋର୍ଟ ପରିସର୍ ନ ଆଇନ୍ଗତ ସହାୟତା ଦେବାର୍ ବ୍ୟବସ୍ଥାକେ ବର୍କସ୍ କର୍ବାର୍ ଲାଗି ହେଇଥିବା ଜାତୀୟ ସମ୍ମିଲନୀକେ ଆଏଜ୍ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍ଘାଟନ୍ କରିଛନ୍ । ଜାତୀୟ ଆଇନ୍ସେବା ପ୍ରାଧିକରଣ୍ -ନାଲ୍ସା ତର୍ଫୁ ତିଆର୍ ଗୋଷ୍ଠୀଭିତିକ ପ୍ରଶିକ୍ଷଣ୍ ବ୍ୟବସ୍ଥାର୍ ଆଏଜ୍ ପ୍ରଧାନ୍ମନ୍ତ୍ରୀ ଶୁଭାରମ୍ଭ କରିଛନ୍ । ଆଇନ୍ଗତ ସେବା ଢାଂଚାର୍ ମୁଖିଆ ମାର୍ଗ

ମାନ୍‌କର୍ ଉପ୍‌ରେ ଇ ଦୁଇଦିନିଆ ସମ୍ମିଳନୀଥି ଆଲୋଚନା ହେବା ବଲି ଜନାପଡ଼ିଛେ ।

ସର୍‌କାରୀ ଯୋଜ୍‌ନା ଆର୍‌ଏନ୍‌ୟୁ/କଟକ୍

ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି କେନ୍ଦ୍ର ସର୍‌କାର୍ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ଲାଗୁ କରୁଛନ୍ । ମହିଲା, ଦଲିତ୍ ଆଉ ଦିବ୍ୟାଙ୍ଗ ମାନ୍‌କୁ ଅଏତ୍‌କା ପ୍ରାଥମିକତା ଦିଆଯାଉଛେ ବଲି କେନ୍ଦ୍ରମନ୍ତ୍ରୀ ରାମ୍‌ଦାସ ଅଠାୱାଲେ କହିଛନ୍ । କଟକ୍ ଅତିଥି ଭବନ୍ ନ ହେଇଥିବା ସାମ୍ବାଦିକ୍ ସମ୍ମିଳନୀଥି ଯୋଗ୍ ଦେଇକରି ଶ୍ରୀ ଅଠାୱାଲେ କହିଛନ୍, କେନ୍ଦ୍ର ସର୍‌କାର୍ ଭିନ୍ ଭିନ୍ ବର୍ଗର୍ ଜନସାଧାରଣ୍‌ଙ୍କର୍ ଉନ୍ନତି ଲାଗି ଗରିବ୍ ଲୋକ୍‌ମାନ୍‌କୁ ମାହାଲିଆ ଘର୍ ଯୁଗେଇ ଦେବାର୍ ଲକ୍ଷ୍ୟଥି ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା ଲାଗୁ କରାଯାଇଛେ ।
(ଭଏସ୍ ଓଭର୍-କେନ୍ଦ୍ରମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ୍ ହି.ସ.

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆଏବା ସୋମ୍‌ବାର୍ ଦିନ ବନ୍ଦ୍ ରହେବା । ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍

ଅଭିଯୋଗ୍ ବିଭାଗ୍ ତରଫୁ ଦିଆଯାଇଥିବା ସୂଚ୍ନା ଅନ୍‌ସାରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଆଇଆର୍‌ସିର ବାର୍ଷିକ ସମ୍ମିଲନୀ ଅଧିବେଶନ୍        ଭୁବ୍‌ନେଶ୍ୱର୍

ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ - ଆଇଆର୍‌ସିର ବାର୍ଷିକ ସମ୍ମିଲନୀର୍ ୨ ନମ୍ବର୍ ଦିନେ ହେଇଥିବା ୬ ନମ୍ବର୍ ଅଧିବେଶନ୍‌ଥି ଆଇଆର୍‌ସି ଜର୍ଣ୍ଣାଲ୍‌ଥି ବାହାରିଥିବା ବିଶେଷଜ୍ଞ ଆଉ ଗବେଷକ୍‌ମାନେ ପତ୍ର ଉପସ୍ଥାପନ୍ କରିଥିଲେ । ଇ ଅବ୍‌ସରେ ସଡ଼କ୍ ଇଞ୍ଜିନିୟରିଂ କ୍ଷେତ୍ରଥି ନବସୃଜନ ପଦ୍ଧତି ଜରିଏ ସଡ଼କ୍ ବାବଦ୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ବିଷେଥି ଆଲୋଚନା ହେଇଥିଲା । ଇନ ସଡ଼କ୍ ଡିଜାଇନ୍, ନିର୍ମାଣ ଆଉ ତାର୍ ଦେଖ୍‌ରେଖ୍ କାମ୍‌କେ ଉନ୍ନତ୍ କର୍‌ବାର୍ ଲାଗି ଭିନ୍ ଭିନ୍ ଚିନ୍ତାଧାରାର୍ ଆଦାନ୍ ପ୍ରଦାନ୍ କରାଯାଇଥିଲା ।

ବାର୍ଷିକ୍ ପରୀକ୍ଷା        କଟକ୍ ସମ୍ବାଦଦାତା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ୨୦୨୬ ବାର୍ଷିକ୍ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଲାଗି ଫର୍ମ ଭର୍‌ବାର୍ ଲାଗି ବିଜ୍ଞପ୍ତି ବାହାରିଛେ । ରେଗୁଲାର୍ ଆଉ ଏକ୍ସ ରେଗୁଲାର୍ ପରୀକ୍ଷା ଲାଗି ଆଏଜ୍‌ଠାନୁ ଅନ୍‌ଲାଇନ୍ ଜରିଏ ଆଏବା ୨୨ ତାରିଖ୍‌ତକ୍ ରାତିର୍ ୧୧ ବାଜିକରି ୪୫ ମିନିଟ୍ ଭିତ୍‌ରେ ଫର୍ମ ଭର୍‌ବାର୍ ଲାଗି ସମିଆ ଧାରିଜ୍ ହେଇଛେ । ଇ ସମିଆ ଭିତ୍‌ରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଲାଗି ଛାତ୍ରଛାତ୍ରୀମାନେ ଫର୍ମ ଭର୍‌ବାର୍‌କେ ବିଜ୍ଞପ୍ତିଥି କୁହାଯାଇଛେ ।

ନୂଆପଡ଼ା ଉପ ନିର୍ବାଚନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍ ଲାଗି ପ୍ରଚାର୍ କାମ୍ ଆଏବା କାଏଲ୍ ଶେଷ୍ ହେବା । ଉପର୍‌ବେଲା ୪ ବଜେନୁ ପ୍ରଚାର୍ ବନ୍ଦ୍ କର୍‌ବାର୍ ଲାଗି ରାଜ୍ୟ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ କଟ୍‌କନା ୧୧ ତାରିଖ୍ ବେଲ୍‌ବୁଡ଼ାତକ୍ ରହେବା । ୪୮ ଘଂଟା ଭିତ୍‌ରେ ସବୁ ପ୍ରାର୍ଥୀ ଆର୍ ରାଜନୈତିକ୍ ଦଲ୍ ତର୍‌ଫୁ ପ୍ରଚାର୍ ସଭା ଆର୍ ସାଂସ୍କୃତିକ୍ ଆଉ ମନୋରଞ୍ଜନ୍ କାର୍ଯ୍ୟକ୍ରମ୍ ପରିବେଷଣ୍ ଉପ୍‌ରେ ନିଷିଦ୍ଧାଦେଶ ଜାରି କରାଯାଇଛେ । ସେନ୍ତା ଗଣମାଧ୍ୟମ୍ ପ୍ରସାରଣ୍ ଟେଲିଭିଜନ୍ ଆଉ ଡିଜିଟାଲ୍ ପ୍ଲାଟଫର୍ମଥି ରାଜନୈତିକ୍ ବିଜ୍ଞାପନ୍ ଉପ୍‌ରେ

ଭିଲ୍ କଟ୍‌କନା ଲାଗୁ କରାଯାଇଛେ । ମୁକ୍ତ, ଅବାଧ ଆର୍ ଶାନ୍ତିଶୃଙ୍ଖଲାର୍ ସହେତେ ଉପ ନିର୍ବାଚନ୍ ଶେଷ୍ କର୍‌ବାର୍ ଲାଗି ପୁଲିସ୍ ଆଉ କେନ୍ଦ୍ରୀୟ ସଶକ୍ତ ବଲ୍‌କେ ନିୟୋଜିତ୍ କରାଯାଇଛେ ।

ଉପନିର୍ବାଚନ୍ ଲାଗି ଆଏଜ୍ ତିନ୍‌ହି ମୁଖିଆ ରାଜନୈତିକ୍ ଦଲ୍ ସହେତେ ଅଲ୍‌ଗା ଦଲ୍ ଆଉ ସ୍ୱାଧୀନ୍ ପ୍ରାର୍ଥୀମାନେ ନିର୍ବାଚନ୍ ପ୍ରଚାର୍ କରିଛନ୍ । ବିଜେପିର୍ ବରିଷ୍ଠ ନେତା ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସୁନାବେଡ଼ା ଅଭୟାରଣ୍ୟ ଇଲାକା ଗସ୍ତଥି ଆସିକରି ଗୁଟେ ଜନସମାବେଶ୍‌ଥି ଯୋଗ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଦଲର୍ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍ ଆଉ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଭିଲ୍ ସାମିଲ୍ ହେଇକରି ଦଲୀୟ ପ୍ରାର୍ଥୀ ଜୟ ଢୋଲ୍‌କିଆଙ୍କର୍ ଲାଗି ପ୍ରଚାର୍ କରିଛନ୍ ।

ବିଜେଡ଼ି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ କୋମ୍‌ନା ଠାନେ ପ୍ରଚାର୍ କରିଛନ୍ । କଂଗ୍ରେସ୍ ତର୍‌ଫୁ ଦଲୀୟ କାର୍ଯ୍ୟାଳୟ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀର୍ ଆୟୋଜନ୍ କରାଯାଇଛେ । ଉପ ନିର୍ବାଚନ୍ ବାବ୍‌ଦେ ଆମର୍ ନୂଆପଡ଼ା ସମ୍ବାଦଦାତାଙ୍କର୍ ରିପୋର୍ଟ...

(ଭଏସ୍ ଓଭର୍- ନୂଆପଡ଼ା ସମ୍ବାଦଦାତା)

ନୂଆପଡ଼ା ବିଧାନସଭା ଉପ ନିର୍ବାଚନ୍ ଲାଗି ଆଏବା ୧୧ ତାରିଖ୍ ଦିନ ଭୋଟ୍ ନିଆଯିବା । ୧୪ ତାରିଖ୍ ଦିନ ଭୋଟ୍ ଗନ୍ତି ହେବାର୍ ସହେତେ ଫଲାଫଲ୍ ବାହାର୍ବା ।

ରାଜ୍ୟସ୍ତରୀୟ ସୁରଭି ହି.ସ.

ଭୁବ୍ନେଶ୍ୱର୍ ୟୁନିଟ୍ ୩ କେପିଟାଲ୍ ହାଇସ୍କୁଲ୍ ପରିସର୍ ନ ଆଏବା ୧୨ ତାରିଖ୍ନୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍ ସୁରଭି ୨୦୨୫ ମୁଲ୍ ହେବା । ବିଦ୍ୟାଳୟର୍ ପାଠ୍ ପଢ଼ା ସହେତେ ବୌଦ୍ଧିକ୍ କାର୍ଯ୍ୟକ୍ରମ୍କେ ଜୁଡ଼୍ବାର୍ ଆଉ ଛୁଆମାନ୍କର୍ ଅର୍ନ୍ତନିହିତ ପ୍ରତିଭା ଆଉ ମାନବିକ ମୂଲ୍ୟବୋଧ୍ର ବିକାଶ୍ ଲାଗି ଇ ମହୋତ୍ସବ୍ ପାଲନ୍ କରାଯାଉଛେ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ହେବାର୍କେ ଥିବା କାର୍ଯ୍ୟକ୍ରମ୍ ଆଏବା ୧୪ ତାରିଖ୍ତକ୍ ଚାଲ୍ବା ।

ବିଶ୍ୱ ସହର୍ ଯୋଜ୍ନା ଦିବସ୍ ଆର୍ଏନ୍ୟୁ/ ସମ୍ବଲପୁର

ଉତମ୍ ସହରୀ କାର୍ଯ୍ୟଖସଡ଼ା ତିଆର୍ କର୍ବାର୍ ଆଉ ବଦ୍ଲୁଥିବା ସମିଆଥି ଭିନ୍ ଭିନ୍ ବାଧାର୍ ସମାଧାନ୍ ଲକ୍ଷ୍ୟ ନେଇକରି ଫି’ ବଛର୍ ଆଝିର୍ ଦିନେ ବିଶ୍ୱ ସହର୍ ଯୋଜ୍ନା ଦିବସ

ପାଲନ୍ କରାଯାଉଛେ । ପରିବେଶ୍ ପ୍ରଦୂଷଣ୍, ବିଶ୍ୱ ତାପନ, ଟ୍ରାଫିକ୍ ସମସ୍ୟା, ଜଲ୍‌ବାୟୁ ପରିବର୍ତନ୍ ଆଉ ଗୃହ ସଂକଟ୍ ବାଗିର୍ ବିଶ୍ୱସ୍ତରୀୟ ସମସ୍ୟାର୍ ମୁକାବିଲା କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଖିଆ ଲକ୍ଷ୍ୟ ଆଏ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ, 'ଯୋଜ୍‌ନା ସହେତେ ଆମେ ପାର୍‌ମୁ' ।

ବିଶ୍ୱ ରେଡ଼ିଓଲୋଜି ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ବିଶ୍ୱ ରେଡ଼ିଓଲୋଜି ଦିବସ୍ । ଏକ୍ସରେ ବିନା ଏଛେନ୍ ପୁର୍‌ଥି ନ ମେଡ଼ିକାଲ୍ ଚିକିତ୍ସା ଅସମ୍ଭବ । ଇତାର୍ ଗୁରୁତ୍ୱକେ ସୋର୍ କର୍‌ବାର୍ ଲାଗି ଫି ବଛର୍ ନଭେମ୍ବର୍ ୮ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ୧୮୯୫ ମସିହା ଥି ୱେର୍ଜବର୍ଗ ବିଶ୍ୱବିଦ୍ୟାଳୟର୍ ପ୍ରଫେସର୍ ୱିଲ୍‌ହେମ୍ କନ୍‌ରୋଡ୍ ରଂଟଜେନ୍‌ଙ୍କର୍ ଏକ୍ସରେ ଆବିଷ୍କାର୍ କରିଥିଲେ । ରେଡ଼ିଓଲୋଜି ବେଭାର୍ ଜରିଏ ଏକ୍ସରେ, ସିଟି ସ୍କାନ୍, ଏମ୍‌ଆର୍‌ଆଇ ଆର୍ ପେଟ୍‌ସ୍କେନ୍‌ର ସହଯୋଗ୍‌ଥି ବିନା ଅସ୍ତ୍ରୋପଚାର୍‌ଥି ରୋଗ୍ ଚିହ୍ନି ହେଉଛେ । ବାୟୋପ୍‌ସି, ଟ୍ୟୁମର୍ ଅପସାରଣ୍‌ଥି ଭିଲ୍ ଇ ରଶ୍ମୀ ଠିକ୍ ମାର୍ଗଦର୍ଶନ୍ ଦେସି । ବହୁତଟେ କ୍ଷେତ୍ର୍‌ଥି ଇ ତେଜସ୍କ୍ରିୟ ରଶ୍ମୀର୍ ବେଭାର୍ କର୍‌ବାର୍‌ଥି ସତର୍କ ହେବାର୍‌କେ ପଡ଼୍‌ସି । ଯେନ୍‌ଟା ଶରୀର୍

ଆଉ ପ୍ରାଥମିକ୍ ସ୍ତର୍ ନ ଥିବା କୋଷମାନ୍‌କର୍ ଲାଗି କ୍ଷତିକାରକ୍ ଆଏ ।

ସାଇବର୍ ସୁରକ୍ଷା ଅଭିଯାନ          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ଜିଲ୍ଲା ପୁଲିସ୍ ବିଭାଗ୍ ତର୍‌ଫୁ ସାଇବର୍ ସୁରକ୍ଷା ଅଭିଯାନ୍ ହେଇଯାଇଛେ । ଆରକ୍ଷୀ ଅଧିକ୍ଷକ୍ ଅନୀଲ୍ କୁମାର୍ ମିଶ୍ରଙ୍କର୍ ଅଧକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ସାଇବର୍ ଅପରାଧ୍ ରୁକ୍‌ବାର୍ ଲାଗି ସମାଜ୍‌ର ସବୁସ୍ତର୍ ନ ଲୁକ୍‌କୁ ସଚେତନ୍ କର୍‌ବାର୍ ବାବ୍‌ଦେ ଆଲୋଚନା ହେଇଥିଲା । ଆଝିରର୍ ଡିଜିଟାଲ୍ ଯୁଗ୍‌ଥି ସାଇବର୍ ସୁରକ୍ଷା ବହୁତ୍ ଜରୁରୀ ବଲି କାର୍ଯ୍ୟକ୍ରମ୍‌ଥି ଅତିଥି ମାନେ ମତ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାସ୍ତରୀୟ ଅଧିକାରୀ ପୁଲିସ୍ ବିଭାଗ୍ କର୍ମଚାରୀ, ଛାତ୍ରଛାତ୍ରୀ ଆର୍ ଶିକ୍ଷକ୍ ଶିକ୍ଷୟିତ୍ରୀ ପ୍ରମୁଖ୍ ଉପସ୍ଥିତ୍ ଥିଲେ ।

ଜିଲ୍ଲାସ୍ତରୀୟ ମଡ଼ିଆ ଦିବସ          ବୌଦ୍ଧ ସମ୍ବାଦଦାତା

କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ଆଉ ଶ୍ରୀଅନ୍ନ ଅଭିଯାନ୍ ତର୍‌ଫୁ ବୌଦ୍ଧ ମାଉସୀ ମା ମନ୍ଦିର୍ ନ ଜିଲ୍ଲାସ୍ତରୀୟ ମଡ଼ିଆ ଦିବସ୍ -୨୦୨୫ କାର୍ଯ୍ୟକ୍ରମ୍ ହେଇଯାଇଛେ । କୃଷି,

ଐତିହ୍ୟ ଆଉ ଜୈବ ବିବିଧତା ସଂରକ୍ଷଣ୍‌ଥି ମହିଲାମାନ୍‌କର୍ ଭୂମିକା ଇ ଦିବସ୍‌ର ବିଷୟବସ୍ତୁ ଥିଲା ।

ବାଲିଯାତ୍ରା ଆର୍‌ଏନ୍‌ୟୁ/ କଟକ୍

ଐତିହାସିକ୍ କଟକ୍ ବାଲିଯାତ୍ରାର୍ ଆଏଜ୍ ୪ ନମ୍ବର୍ ଦିନ୍ । ଆଏଜ୍ ବେଲ୍‌ବୁଡ଼େ ଗଣକବି ବୈଷ୍ଣବ ପାଣି ମଚାନ୍‌ଥି ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ବାଣିଜ୍ୟ ଆଉ ପରିବହନ୍, ଇସ୍ପାତ୍ ଆଉ ଖଣି ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଆର୍ ସମ୍ମାନିତ୍ ଅତିଥି ଭାବେ ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆଙ୍କର୍ ସହେତେ କଟକ୍ ଚୌଦ୍ୱାର୍ ବିଧାୟକ୍ ସୌଭିକ୍ ବିଶ୍ୱାଲ୍ ଆଉ ଅଲ୍‌ଗା ବରିଷ୍ଠ ଅତିଥି ମାନେ ଯୋଗ୍ ଦେବେ । ଓର୍‌ମାସ୍ ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳାଥି ଗଲାକାଏଲ୍‌ତକ୍ ଅଢ଼େଇ କୋଟିନୁ ଅଏତ୍‌କା ବେପାର୍ ହେଇଥିବା ଆମର୍ ସମ୍ବାଦଦାତା ଜନେଇଛନ୍ ।

ହକି ଶହେ ବଛର୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମ୍ ନ ଭାରତୀୟ ହକି ଖେଲ୍‌ର ଶହେ ବଛର୍ ପୂର୍ତ୍ତି ଉତ୍ସବ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବୌଦ୍ଧ

ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ । ଇ ଅବ୍‌ସରେ ଅତିଥି ମାନେ ହକି ଖେଲ୍ ଆଉ ଖେଲାଳିମାନ୍‌କୁ ଉତ୍ସାହିତ୍ କରିଥିଲେ ।

ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା/ସମ୍ବଲପୁର ସମ୍ବାଦଦାତା

ରାଜ୍ୟ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଆର୍ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ବଲ୍‌ପୁର୍ ତର୍‌ଫୁ ହେଇଥିବା ୬୯ ନମ୍ବର୍ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ୧୪ ଆଉ ୧୭ ବଛର୍‌ନୁ କମ୍ ପିଲା ଆଉ ଟୁକେଲ୍ ମାନ୍‌କର୍ ଭିତ୍‌ରେ ୪ ଟା ବର୍ଗଥି ଭୁବ୍‌ନେଶ୍ୱର୍‌ର ଖେଲାଳିମାନେ ଦଳଗତ ଚମ୍ପିଆନ୍ ହେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ଦିଗୁ ସୁଖା ପବନ୍ ଆସୁଥିବାର୍‌ନୁ ଆଏବା ୩/ ନୁ ୪ ଦିନ୍ ଭିତ୍‌ରେ ରାତିର୍ ସବୁନୁ କମ୍ ତାପମାତ୍ରା ୩ ନୁ ୪ ଡିଗ୍ରୀ କମ୍‌ବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍

ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ । ରାଜ୍ୟର୍ ଭିତ୍ରିଆ ଇଲାକା ସହେତେ ପଶ୍ଚିମ ଓଡ଼ିଶାର୍ କେତେଟା ଜାଗା ନ କୁହୁଡ଼ି ଦେଖାଦେଇଛେ । ଆଏବା ୧୨ ତାରିଖ୍‌ତକ୍ ରାଏଜେ ପାଗ୍ ଶୁଖା ରହେବା ବଲି ପାଣିପାଗ୍ ବିଭାଗ୍ ତର୍ଫୁ କୁହାଯାଇଛେ ।